# Akashvani, Sambalpur

## SAMBALPURI NEWS EVENING BULLETIN

### 3 August 2026-7.02- 7.12 pm.

---

୧- ଶିକ୍ଷା ଖାଲି ଜ୍ଞାନ୍ ପାଏବାର୍ ମାଧ୍ୟମ୍ ନୁହେଁ, ଇଟା ବ୍ୟକ୍ତିତ୍ୱ ଗଠନ୍, ସାମାଜିକ୍, ପରିବର୍ତନ୍ ଆଉ ରାଷ୍ଟ୍ରର ସମୃଦ୍ଧ ଭବିଷ୍ୟତ୍ ନିର୍ମାଣ୍ର ଭିତିପ୍ରସ୍ତର୍ ଆଏ- କହେଲେ ରାଷ୍ଟ୍ରପତି ।

- କଟକ୍ ମୁଣ୍ଡୁଳି ପାଶର୍ ଜଗତ୍ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର୍ ଉଦ୍ଘାଟନୀ କାର୍ଯ୍ୟକ୍ରମ୍ଥି ଦେଲେ ଯୋଗ୍ ।

୨- ରାଏଜେ ବଏଢ଼୍ ପ୍ରଭାବିତ୍ ଲୁକ୍କୁ ଶହେ ୧୦ କୋଟି ଟଙ୍କା ସାହାଜ୍ ପେକେଜ୍ ଘୋଷ୍ନା କଲେ ମୁଖ୍ୟମନ୍ତ୍ରୀ ।

୩- ପୁରୀ ରଥଯାତ୍ରାକେ ୟୁନେସ୍କୋ ଐତିହ୍ୟ ତାଲିକାଥି ସାମିଲ୍ କର୍ବାର୍ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ହେଇଛେ କାଉଡ଼ିଆମାନ୍‌କର୍ ଭିଡ଼୍ ।

ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷା ଖାଲି ଜ୍ଞାନ୍ ପାଏବାର୍ ମାଧ୍ୟମ୍ ନୁହେଁ, ଇଟା ବ୍ୟକ୍ତିତ୍ୱ ଗଠନ୍, ସାମାଜିକ୍, ପରିବର୍ତନ୍ ଆଉ ରାଷ୍ଟ୍ରର ସମୃଦ୍ଧ ଭବିଷ୍ୟତ୍ ନିର୍ମାଣ୍‌ର ଭିତିପ୍ରସ୍ତର୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । କଟକ୍ ମୁଣ୍ଡୁଳି ପାଶର୍ ଜଗତ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଲୟର୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଜ୍ଞାନ୍, ସଂସ୍କୃତି, ଆଧ୍ୟାତ୍ମିକତା ଆଉ ସେବାର ପରମ୍ପରା ଓଡ଼ିଶା ମାଟିର୍ ବୈଶିଷ୍ଟ୍ୟ ଆଏ । ଇହାଦେ ଭାରତ୍ ପୁର୍‌ଥିର୍ ଅଏତ୍‌କା ଯୁବଗୋଷ୍ଠୀ ଥିବାର୍ ଦେଶ୍, ଯେନ୍‌ଟା ଆମର୍ ସବୁନୁ ବଡ଼ ପୁଞ୍ଜି ଆଏ । ଇତାର୍ ସଦୁପଯୋଗ୍ କର୍‌ବାର୍ ଲାଗି ବିଶ୍ୱବିଦ୍ୟାଲୟ ମାନ୍‌କେ ସଠିକ୍ ବାତାବରଣ୍ ତିଆର୍ କର୍‌ବାର୍‌ଟା ବହୁତ୍ ଜରୁରୀ ଆଏ । ଯେନ ଯୁବଗୋଷ୍ଠୀ ନିଜର୍ ପ୍ରତିଭାର୍ ବିକାଶ୍ କରିକରି ସପନ୍ ଆଉ ଆକାଂକ୍ଷା ପୁରା କରିପାର୍‌ବେ । ଭାରତ୍‌ର

ଯୁବଶକ୍ତି ଜ୍ଞାନ୍, ପ୍ରତିଭା ଆଉ ଶକ୍ତିର୍ ବିନିଯୋଗ୍ କରିକରି ବିକଶିତ୍ ଭାରତ୍ ନିର୍ମାଣ୍ରେ ଜରୁରୀ ଭୂମିକା ନେଇଛନ୍ ବଲି ରାଷ୍ଟ୍ରପତି କହିଛନ୍ । ବିଶ୍ୱବିଦ୍ୟାଳୟର୍ ପାଠ୍ୟକ୍ରମ୍ରେ ନୈତିକ୍ ଆଦର୍ଶ, ସାମ୍ବିଧାନିକ୍ ମୂଲ୍ୟବୋଧ, ପଛୁଆ ବର୍ଗଙ୍କର୍ ଲାଗି ସମାବେଶୀ ଶିକ୍ଷା, ଅନୁସନ୍ଧାନ୍ ଆଉ ଗବେଷଣା, ଷ୍ଟାର୍ଟଅପ୍ ସଂସ୍କୃତିକେ ସାମିଲ୍ କର୍ବାର୍ ଲାଗି ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଆଉ ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶାର୍ ଲକ୍ଷ୍ୟ ପୁରା କର୍ବାର୍ ଦିଗେ ଶିକ୍ଷାନୁଷ୍ଠାନ୍ ମାନ୍କର୍ ବହୁତ୍ ବଡ଼ ଭୂମିକା ରହିଛେ ବଲି ରାଷ୍ଟ୍ରପତି କହିଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କାର୍ଯ୍ୟକ୍ରମ୍ରେ ଯୋଗ୍ ଦେଇକରି କହିଛନ୍, ବିଶ୍ୱବିଦ୍ୟାଳୟମାନ୍ ଶୈକ୍ଷିକ୍ ବାତାବରଣ୍, ଚାରିତ୍ରିକ ଗଠନ୍ ଦେଶର୍ ଭବିଷ୍ୟତ୍କେ ନୂଆଁ ରୂପ୍ ଦେଉଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଇ ବିଶ୍ୱବିଦ୍ୟାଳୟର୍ ଉଦ୍‌ଘାଟନ୍ ଓଡ଼ିଶାକେ ଗବେଷଣା ଆଉ ନୈତିକ ଚରିତ୍ର ନିର୍ମାଣ୍ର ଗୁଟେ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର କର୍ବାର୍ରେ ଗୁଟେ ନୂଆଁ ଯାତ୍ରା ଆଏ । ପ୍ରଧାନ୍ମନ୍ତ୍ରୀଙ୍କର୍ ଦିଗ୍‌ଦର୍ଶନ୍ରେ ରାଜ୍ୟ ସର୍କାର୍ ଯୁଆନ୍ ପିଢ଼ିଙ୍କୁ ଗୁଣାତ୍ମକ ଭିତିଭୂମି ଯୁଗେଇବାର୍କେ

ସଂକଳ୍ପବଦ୍ଧ ଆନ୍ । ଗଲା ୨ ବଛର୍ ଭିତ୍‌ରେ ସର୍‌କାର୍ ଶିକ୍ଷା କ୍ଷେତ୍ର ଲାଗି ବଜେଟ୍‌ଥି ୭୨ ହଜାର୍ କୋଟି ଟଙ୍କାର୍ ପ୍ରାବଧାନ୍ ରଖିଛନ୍ । ଦେଶର୍ ପହେଲା ରାଜ୍ୟ ଭାବେ ଓଡ଼ିଶା କେଜି ନୁ ପିଜି ତକ୍ ମାହାଲିଆ ଶିକ୍ଷା ବ୍ୟବସ୍ଥା କରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ସ୍ୱାମୀ ମୁକୁନ୍ଦାନନ୍ଦ ମହାରାଜ୍‌ଜୀ ପ୍ରମୁଖ୍ ଉପସ୍ଥିତ୍ ଥିଲେ । ରାଷ୍ଟ୍ରପତି ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ନୁ ବ୍ରହ୍ମପୁର୍‌ତକ୍ ଟ୍ରେନ୍‌ଥି ଯାତ୍ରା କର୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍, କଟକ୍ ଆଉ ବ୍ରହ୍ମପୁର୍‌ନୁ ବହୁତ୍‌ଟେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ଗସ୍ତ ଆଗ୍‌ରୁ ରାଷ୍ଟ୍ରପତି ଆଏଜ୍ ନୂଆଦିଲ୍ଲୀ ନ ଉହଲମଣି ପଣ୍ଡିତ୍ ଗୋପବନ୍ଧୁ ଦାସ୍‌ଙ୍କର୍ ଗୁଟେ ପ୍ରତିମୂର୍ତ୍ତି ଉନ୍ମୋଚନ୍ କରିଛନ୍ ।

ବଏଢ଼୍         ଆଇ.ଆଣ୍ଡ୍.ପି.ଆର୍/ ଭୁବନେଶ୍ୱର୍

ଚଲ୍‌ତି ବଏଢ଼୍ ପରିସ୍ଥିତିଥି ପ୍ରଭାବିତ୍ ଲୋକ୍‌ମାନ୍‌କର୍ ସାଙ୍ଗେ ରାଜ୍ୟ ସର୍‌କାର୍ ସବୁବେଲେ ରହିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ କହିଛନ୍ । ଆକାଶ୍‌ମାର୍ଗନୁ ବନ୍ୟା ପ୍ରଭାବିତ୍ ଇଲାକା ଅନୁଧ୍ୟାନ୍ କର୍‌ବାର୍ ଉତ୍‌ରୁ ପହେଲା ଖେପେ ପ୍ରଭାବିତ୍ ମାନ୍‌କର୍ ଲାଗି ମୁଖ୍ୟମନ୍ତ୍ରୀ ଶହେ ୧୦ କୋଟି ଟଙ୍କାର୍ ସାହାଜ୍ ପେକେଜ୍ ଘୋଷ୍‌ନା କରିଛନ୍ । ଆଉ ଇତାକେ ତୁର୍‌ତି ଦିଆଯିବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ଆଘୋନୁ ରିଲିଫ୍ ଆଉ ଉଦ୍ଧାର୍ କାମ୍ ଲାଗି ୨୬ କୋଟି ଟଙ୍କା ଆଗ୍‌ତୁରା ସାହାଜ୍ ଦିଆଯାଇଛେ । ଇ ସାହାଜ୍ ଅନ୍‌ସାରେ ପୁରା ଘର୍ ଭାଙ୍ଗିଯାଇଥିବାର୍ ଲୁକ୍‌କର୍ ଲାଗି ୧ ଲାଖ୍ ୨୦ ହଜାର୍ ଟଙ୍କା, ଅଧା କ୍ଷତିଗ୍ରସ୍ତ ପକ୍କା ଘର୍ ଲାଗି ୬ ହଜାର୍ ୫ ଶହ ଟଙ୍କା, କଚ୍ଚା ଘର୍ ଲାଗି ୪ ହଜାର୍ ଟଙ୍କା ମିଲ୍‌ବା । ଫସଲ୍ ନୁକ୍‌ସାନ୍ ଲାଗି ଅଣଜଲ୍‌ସେଚିତ୍ ଜମିନ୍‌ଥି ହେକ୍ଟର୍ ପିଛା ୮ ହଜାର୍ ୫ ଶହ ଟଙ୍କା, ଜଲ୍‌ସେଚିତ୍ ଜମିନ୍‌ଥି ୧୭ ହଜାର୍ ଟଙ୍କା ଆଉ ବାରମାସୀ ଫସଲ୍ ଲାଗି ୨୨ ହଜାର୍ ୫ ଶହ ଟଙ୍କା ଦିଆଯିବା । ବଏଢ଼୍‌ଥି ଜୀବନ୍ ଯାଇଥିବା ୬ ଝନ୍‌କର୍ ପରିବାର୍‌କେ ୨୪ ଲାଖ୍ ଟଙ୍କା ଅନୁକମ୍ପାମୂଲକ୍ ସାହାଜ୍ ଆଉ ମୃତ ଗାଏ, ଭଏଁଶ୍ ବାଗିର୍ ଗୃହପାଲିତ୍ ପଶୁମାନ୍‌କର୍ ଲାଗି ୩୭ ହଜାର୍ ୫ ଶହ ଟଙ୍କା ଲେଖା ସାହାଜ୍ ଦିଆଯିବା ।

ସେଆଡ଼େ ରାଏଜେ ବଏଢ଼୍ ଥିତିଥି ସୁଧାର୍ ଆସ୍‌ବାର୍ ଉତ୍‌ରୁ ନୁକ୍‌ସାନ୍‌ର ଆକଲନ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଇ ବାବ୍‌ଦେ ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି କହିଛନ୍, ବଏଢ଼୍ ଲାଗି ୨୨ ଟା ଜିଲ୍ଲାର୍ ୮୫ ଟା ବ୍ଲକ୍ ୧୪ ଶହ ୫୮ ଟା ଗାଁର୍ ୮ ଲାଖ୍ ୬୩ ହଜାର୍ ୯ ଶହ ୯ ଝନ୍ ପ୍ରଭାବିତ୍ ହେଇଛନ୍ । ପୁରା ପାଏନ୍ ଛାଡ଼ିଥିବା ଜାଗା ମାନ୍‌କେ କୃଷି ଆଉ ରାଜସ୍ୱ ବିଭାଗ୍ କର୍ମଚାରୀ କ୍ଷୟକ୍ଷତିର୍ ଆକଲନ୍‌ଥି ନିୟୋଜିତ୍ ଅଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ନଦୀବନ୍ଧା ମାନ୍‌କର୍ ଥିତି ଆଉ ତାର୍ ପୁନରୁଦ୍ଧାର୍ ଲାଗି ଯୁଦ୍ଧକାଲୀନ୍ ଭିତିଥି ପଦକ୍ଷେପ୍ ନିଆଯାଉଛେ । ଜଲ୍‌ସମ୍ପଦ୍ ବିଭାଗ୍‌ର ବରିଷ୍ଠ ଯନ୍ତ୍ରମାନେ କ୍ଷେତ୍ର ପରିଦର୍ଶନ୍ କରିକରି ପରିସ୍ଥିତିର୍ ଅନୁଧ୍ୟାନ୍ କର୍‌ବାର୍ ସହେତେ କାମ୍ ମୁଲ୍ କରିଛନ୍ ।

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଏଜେ ଆଏଜ୍‌ଠାନୁ ବର୍ଷାର୍ ପରିମାଣ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ୨୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଳଭଣ୍ଡାର୍ ଜଳସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୧୯ ଦଶ୍‌ମିକ୍ ୯/୩ ଫୁଟ୍ ରହିଥିଲା । ଇହାଦେ ୧୭ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୩ ଲାଖ୍ ୨ ହଜାର୍ ୮ ଶହ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୫୪ ହଜାର୍ ୨୪ ଘନଫୁଟ୍ ପାଏନ୍ ଆସୁଛେ ।

ଲୋକ୍‌ସଭା ଜଜ୍ ବିଲ୍ ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ସଭା ନ ଆଏଜ୍ ଉଚ୍ଚତମ୍ ନ୍ୟାୟଲୟ (ବିଚାର୍‌ପତିଙ୍କର୍ ସଂଖ୍ୟା) ସଂଶୋଧନ୍ ବିଲ୍-୨୦୨୬ ପାରିତ୍ ହେଇଛେ । ୧୯୫୬ ମସିହାର୍ ଆଇନ୍‌କେ ବଦ୍‌ଲାଯାଇକରି ଇ ବିଲ୍ ଉପସ୍ଥାପନ୍ କରାଯାଇଥିଲା । ୧୯୫୬ ମସିହାର୍ ଆଇନ୍‌ଥି ବିଚାର୍‌ପତିଙ୍କର୍ ସଂଖ୍ୟା ୩୩ ଥିବାର୍ ବେଲେ ଇହାଦେ ଇତାକେ ୩୭ କେ ବଢ଼ାଯାଇଛେ । ଚଲ୍‌ତି ବଛର୍ ମେ ମାସେ ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ୩୩ ନୁ ୩୭ କେ ବଢ଼ାବାର୍ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧ୍ୟାଦେଶ୍ ଜାରି

କରିଥିଲେ । ଇ ବିଲ୍‌କେ ଆଗତ୍ କରିକରି କେନ୍ଦ୍ର ଆଇନ୍ ଆଉ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ସଂସ୍କାର୍ ପ୍ରଦର୍ଶନ୍ ଆଉ ରୂପାନ୍ତର୍‌କେ ସଫଲତାର୍ ସହେତେ କାର୍ଯ୍ୟକାରୀ କରାଯାଉଛେ ।

ଏମ୍‌ଏସ୍‌ଏମ୍‌ଇ ବିକାଶ୍ ସଂଶୋଧନ୍ ବିଲ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭା ନ ଆଏଜ୍ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ଏମ୍‌ଏସ୍‌ଏମ୍‌ଇ ବିକାଶ୍ ସଂଶୋଧନ୍ ବିଲ୍-୨୦୨୬ ପାରିତ୍ ହେଇଛେ । ବିଲ୍‌ଥି ଉଦ୍ୟୋଗ୍‌ମାନ୍‌କର୍ ଦେୟ ଡେରି ହେବାର୍ ସମସ୍ୟାକେ ଦୂର୍ କର୍‌ବାର୍ ସହେତେ ଭିନ୍ ଭିନ୍ ବିବାଦ୍ ମାନ୍‌କର୍ ସହଜ୍ ସମାଧାନ୍ ଉପ୍‌ରେ ଜୋର୍ ଦିଆଯାଇଛେ । ବିବାଦ୍ ମାମ୍‌ଲାଥି ମଧ୍ୟସ୍ଥତା ବିଫଲ୍ ହେବାର୍ କ୍ଷେତ୍ରଥି ୩୦ ଦିନ୍ ଭିତ୍‌ରେ ସମାଧାନ୍ ଲାଗି ଆବେଦନ୍ କର୍‌ବାର୍‌କେ ବିଲ୍‌ଥି ବ୍ୟବସ୍ଥା ରହିଛେ । ଯଦି କେନ୍‌ସି ମାମ୍‌ଲା ୬ ମାସ୍‌ନୁ ଅଏତ୍‌କା ସମିଆ ଧରିକରି ବିଚାରାଧୀନ୍ ରହେବା ସେ

କ୍ଷେତ୍ରଥି ଯୋଗାଣକାରୀଙ୍କୁ କମ୍‌ସେ କମ୍ ୫୦ ପ୍ରତିଶତ ଟଙ୍କା ପୈଠ କରାଯିବାର୍ ଲାଗି ବିଲ୍‌ଥି ଉଲ୍ଲେଖ ରହିଛେ ।

ୟୁନେସ୍କୋ- ପୁରୀ ରଥଯାତ୍ରା        ଆର୍‌ଏନ୍‌ୟୁ/ କଟକ୍

ପୁରୀ ରଥ୍‌ଯାତ୍ରାକେ ୟୁନେସ୍କୋ ଐତିହ୍ୟ ତାଲିକାଥି ସାମିଲ୍ କର୍‌ବାର୍ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଚିଠି ଲେଖିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ରଥଯାତ୍ରା ସାରା ପୁର୍‌ଥି ନ ଭାଇଚାରା ଆଉ ମାନବୀୟ ମୂଲ୍ୟବୋଧ୍‌ର ବାର୍ତା ଦେସି । ଇଟା ଖାଲି ଗୁଟେ ଉତ୍ସବ୍ ନୁହେଁ, ଗୁଟେ କାଳଜୟୀ ସଭ୍ୟତା, ପରମ୍ପରା, ସାଂସ୍କୃତିକ୍ ବିବିଧତା, ଆଧ୍ୟାତ୍ମିକତା ଆଉ ସାମୂଦାୟିକ୍ ଭାଗିଦାରୀକେ ପ୍ରତିଫଳିତ୍ କର୍‌ସି । ଶ୍ରୀକ୍ଷେତ୍ର ପୁରୀ ପୁର୍‌ଥିର୍ ଭିନ୍ ଭିନ୍ କୁନାନୁ ଲାଖ୍ ଲାଖ୍ ଭକ୍ତ ଆଉ ପର୍ଯ୍ୟଟକ୍‌ମାନ୍‌କୁ ଆକର୍ଷିତ୍ କର୍‌ବାର୍ ସହେତେ ଭାରତ୍‌ର ଜୀବନ୍ତ ଐତିହ୍ୟର୍ ଗୁଟେ ସ୍ଥାୟୀ ପ୍ରତୀକ୍ ହେଇଛେ । ରଥଯାତ୍ରାକେ ୟୁନେସ୍କୋ ତାଲିକାଥି ସାମିଲ୍ କର୍‌ବାର୍ ଉତ୍‌ରୁ ସାରା ପୁର୍‌ଥି ନ ଇତାର୍

ଗୁରୁତ୍ୱ ବଢ଼ିଯିବା । ଇ ସ୍ୱିକୃତୀ ଭବିଷ୍ୟତ୍ ପିଢ଼ିଙ୍କର୍ ଲାଗି ଜଗନ୍ନାଥ୍ ସଂସ୍କୃତିର୍ ସଂରକ୍ଷଣ୍ ଆଉ ପ୍ରୋତ୍ସାହନ୍‌ଥି ବହୁତ୍ ବଡ଼ ଯୋଗଦାନ୍ ରଖିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସଂସ୍କୃତି ମନ୍ତ୍ରଣାଳୟ ନ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଇଥିର୍‌ଲାଗି ସବୁ ଦସ୍ତାବିଜ୍ ଦାଖଲ୍ କରାଯାଇଛେ ।

ଶ୍ରାବଣ୍ ସୋମ୍‌ବାର୍        ବର୍‌ଗଡ଼୍/ ସୁବର୍ଣ୍ଣପୁର/ ବୌଦ୍ଧ/ ନୂଆପଡ଼ା

ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍‌କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରିଛନ୍ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ଷେଶ୍ୱର୍ ଶିବ ମନ୍ଦିର୍ ନ ବାହାରୁ ବହୁତ୍‌ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼େଇଛନ୍ । ଇତାର୍‌ଛଡ଼ା ସମ୍ବଲ୍‌ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ

ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍‌କେ ଭକ୍ତ ଆର୍ କାଉଡ଼ିଆମାନ୍‌କର୍ ଭିଡ଼୍ ଲାଗିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶିବମନ୍ଦିର୍ ମାନ୍‌କେ ଭିଲ୍ ଆଏଜ୍ ଭକ୍ତମାନ୍‌କର୍ ଭିଡ଼୍ ଲାଗି ରହିଛେ । ମନ୍ଦିରମାଳିନୀ ସୁବର୍ଣ୍ଣପୁର୍‌ର ଅଷ୍ଟଶମ୍ଭୁ ବାବା ସୁବର୍ଣ୍ଣମେରୁ, ରାମେଶ୍ୱର୍, ଗୋକର୍ଣ୍ଣେଶ୍ୱର୍ ସହେତେ  ବୈଦ୍ୟନାଥର ବାବା କୋଶଳେଶ୍ୱର, ଚର୍‌ଦାର୍ ବାବା କପିଳେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର, ବାବା ଗୋଧନେଶ୍ୱର୍ ଆର୍ ନାଗେଶ୍ୱର୍ ମନ୍ଦିର୍ ନ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ହେଉଥିବାର୍ ଦେଖାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ବୋଲ୍‌ବମ୍ ଭକ୍ତମାନେ ବହୁତ୍‌ଟେ ଆସିକରି ମହାନଦୀ ଆର୍ ତେଲ୍‌ନଦୀର ସଂଗମ୍‌ସ୍ଥଲ୍ ସ୍ୱର୍ଣ୍ଣପୟାଗ୍ ଘାଟ୍‌ନୁ ପାଏନ୍ ନେଇକରି ଶିବଙ୍କୁ ଚଢ଼େଇଛନ୍ । ଭିଡ଼୍‌କେ ନଜର୍‌ଥି ରଖିକରି ମନ୍ଦିର୍‌ମାନ୍‌କେ ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତର୍‌ଫୁ ଶୃଙ୍ଖଳିତ୍ ଦର୍ଶନ୍‌ର ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଡ଼ି ପୀଠ ସହେତେ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ଆଏଜ୍ କାଉଡ଼ିଆ ମାନ୍‌କର୍ ଜବର୍ ଭିଡ଼୍ ହେଇଥିଲା । ଖାସ୍ କରି ଗନ୍ଧରାଡ଼ି ନ ହର ଆର୍ ହରି ଥିବାର୍‌ନୁ ଜିଲ୍ଲା ଆର୍ ଜିଲ୍ଲା ବାହାରୁ କାଉଡ଼ିଆମାନେ ପାଏନ୍ ଚଢ଼େଇଥିଲେ । ସହରର୍ ଐତିହାସିକ ରାମନାଥ ବାବା, ଚନ୍ଦ୍ରଚୂଡ଼ ବାବା,

ମାତଙ୍ଗେଶ୍ୱର୍ ବାବା, ପଲାସ, ସର୍ସରା, କର୍ଡ଼ି, ସିଦ୍ଧପୁର୍, ରାମ୍ଗଡ୍, ହର୍ଭଙ୍ଗା, ହରେକୃଷ୍ଣପୁର୍ ଶିବ ମନ୍ଦିର୍ ମାନ୍କେ କାଉଡ଼ିଆମାନ୍କର୍ ଜବର୍ ଭିଡ୍ ହେଇଥିଲା ।

ନୂଆପଡ଼ା ଜିଲ୍ଲାର୍ ଶିବମନ୍ଦିର୍ ମାନ୍କେ କାଉଡ଼ିଆ ମାନ୍କର୍ ଜବର୍ ଭିଡ୍ ଦେଖିବାର୍କେ ମିଲିଛେ । ଜିଲ୍ଲାର୍ ପଟୋରାର୍ ଯୋଗେଶ୍ୱର୍ ବାବା, ବୁଦ୍ଧିକୋମ୍ନା ନ ଥିବା ପ୍ରାଚୀନ୍ ଭୁବ୍ନେଶ୍ୱର୍ ବାବା , ଖଡ଼ିଆଲ୍ର କୋଶଲେଶ୍ୱର୍ ମନ୍ଦିର୍ ନ ଭକ୍ତ ମାନେ ପାଏନ୍ ଚଢ଼େଇଛନ୍ ।

ଜାତୀୟ ଅଙ୍ଗଦାନ୍ ଦିବସ        ଆର୍ଏନ୍ୟୁ/ ସମ୍ବଲପୁର

ଅଙ୍ଗଦାନ୍ର ଗୁରୁତ୍ୱ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଉଦ୍ଦେଶ୍ୟଥି ଆଏଜ୍ ଜାତୀୟ ଅଙ୍ଗଦାନ୍ ଦିବସ୍ ପାଲନ୍ କରାଯାଉଛେ । ଦେଶର୍ ପହେଲା ସଫଲ୍ ହୃଦ୍ ପ୍ରତିରୋପଣ୍ର ସ୍ମାରକୀ ହିସାବେ ଫି' ମାସର୍ ଅଗଷ୍ଟ ମାସର୍ ୩ ତାରିଖ୍କେ ଜାତୀୟ ଅଙ୍ଗଦାନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଜାତୀୟ ଅଙ୍ଗଦାନ୍ ଦିବସ୍ ଅବ୍ସରେ ନୂଆଦିଲ୍ଲୀ ନ ଆୟୋଜିତ ୧୬ ନମ୍ବର୍ ଭାରତୀୟ ଅଙ୍ଗଦାନ୍ ଦିବସ୍

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଯୋଗ୍ ଦେଇକରି ଅଙ୍ଗଦାନ୍‌ର ଗୁରୁତ୍ୱ ବାବ୍‌ଦେ ଆଲୋଚନା କରିଛନ୍ ।

ଏସ୍‌ଆଇଆର୍        ନୂଆପଡ଼ା ସମ୍ବାଦଦାତା

ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ୍ ଆଉ ପର୍ଯ୍ୟଟନ୍ ବିଭାଗ୍‌ର କମିଶନର୍ ଆଉ ସଚିବ ବଲ୍‌ୱନ୍ତ ସିଂ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍-୨୦୨୬ ଭୋଟର୍ ତାଲିକା ବାହାର୍‌ବାର୍ ଉତ୍‌ରର୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ଯୋଗ୍ୟ ଭୋଟର୍ ମାନ୍‌କର୍ ନାଁକେ ସାମିଲ୍ କର୍‌ବାର୍, ସ୍ୱଚ୍ଛ ଆଉ ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ ବାବ୍‌ଦେ ଶ୍ରୀ ସିଂ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।